# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



ଈଶ୍ୱରଙ୍କଠାରୁ ପ୍ରେରିତ ଜଣେ ଲୋକ

ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: E. Frischbutter; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଦିନେ ଇଶ୍ୱରଙ୍କ ମନ୍ଦିର ଭିତରେ, ଜିଖରିଅ ନାମକ ଜଣେ ବୃଦ୍ଧା ଜାଜକ, ଧୂପ ଦେଉଥିଲେ । ବାହାରେ ଲୋକମାନେ ପ୍ରାର୍ଥନା କରୁଥିଲେ । ଅଚ଼ାନକ୍ ଭାବରେ, ଯିଖରିଅ ଭୟଭିତ ହୋଅଗଲେ ।



ଜଣେ ଦୂତ ତାଙ୍କ ନିକଟକୁ ଆସିଥିଲେ । ଭୟ କରନାହିଁ, ସେ
କହିଲେ । ପରମେଶ୍ୱର ମତେ ପଠାଇ ଅଛନ୍ତି ।
ତୁମ୍ଭର ପତ୍ନୀ ଗୋଟିଏ ପୁତ୍ର ପ୍ରଶବ
କରିବେ ।



ତାଙ୍କୁ ଯୋହନ ଡାକିବ । ଜନ୍ମ ସମୟରୁ ହିଁ ସେ ପବିତ୍ରାତ୍ମାରେ ପରିପୂର୍ଣ୍ଣ
ହୋଇ ରହିବେ । ସେ ଅନେକଙ୍କୁ ପରମେଶ୍ୱରଙ୍କ
ନିକଟକୁ ଫେରାଇ ଆଣିବେ ।



“ଆମ୍ଭମାନଙ୍କୁ କଥା କୁହ, ଯିଖରିଅ ।”

ଲୋକମାନେ ଅବାକ୍ ହୋଇଗଲେ ।

ସେମାନେ କିଛି ଜାଣିନଥିଲେ ଯେ

ଗାବ୍ରିଏଲ୍ ତାଙ୍କୁ ତାଙ୍କର ସନ୍ତାନ ହେବା

ପର୍ଯ୍ୟନ୍ତ ସେ ମୂକ ହୋଇ

ରହିବାକୁ ଆଜ୍ଞା



ଦେଇଥିଲେ, କାରଣ ସେ ପରମେଶ୍ୱରଙ୍କ
ବାକ୍ୟ ଉପରେ ବିଶ୍ୱାସ କଲେ ନାହିଁ ।
ସେ ଭାବିଲେ ଯେ ତାଙ୍କ ପତ୍ନୀ ଅତ୍ୟଧିକ
ବୃଦ୍ଧା ଏବଂ ତାଙ୍କ ନିମନ୍ତେ
ସନ୍ତାନ ଜନ୍ମ କରିବା
ଅସମ୍ଭବ ଅଟେ ।



ଘରେ, ଯିଖରିୟ ଦୂତଙ୍କ କହିଥିବା ସମସ୍ତ କଥା ଲେଖି ଜଣାଇଲେ । ଏଲିଶାବେଥ୍, ତାଙ୍କର ପତ୍ନୀ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ବହୁ କାଳରୁ ସନ୍ତାନ ନିମନ୍ତେ ପ୍ରାର୍ଥନା କରିଆସୁଥିଲେ । ବର୍ତ୍ତମାନ୍ ଏହା ହୋଇପାରେ କି?





ବହୁଶିଘ୍ର ଏଲିଶାବେଥ୍, ସନ୍ତାନ ଆଗମନ କଥା ଜାଣିପାରିଲେ । ସେ ପରମେଶ୍ୱରଙ୍କୁ ଧନ୍ୟବାଦ୍ ଦେଲେ । ଦିନେ, ମରିୟମ୍ ଏଲିଶାବେଥ୍ଙ୍କର ଭଉଣୀ ତାଙ୍କୁ ଭେଟିବାକୁ ଆସିଲେ । ମରିୟମ୍ ମଧ୍ୟ ଗର୍ଭବତୀ ଥିଲେ ।



ଯେତେବେଳେ ମରିୟମ ପହଞ୍ଚିଲେ, ଏଲିଶାବେଥ୍‌ଙ୍କ
ଗର୍ଭରେ ପିଲାଟି ନାଚି ଉଠିଲା । ଏଲିଶାବେଥ୍
ପବିତ୍ରାତ୍ମାରେ ପୂର୍ଣ୍ଣ ହେଲେ । ସେ
ଜାଣିପାରିଲେ ଯେ ମରିୟମଙ୍କ
ଗର୍ଭଜାତ ସନ୍ତାନଟି ଖ୍ରୀଷ୍ଟ
ଅଟନ୍ତି । ଦୁହେଁ, ସେମାନେ
ଆନନ୍ଦରେ ପରମେଶ୍ୱରଙ୍କର
ଉପାସନା କଲେ ।



ଏଲିଶାବେଥ୍ଙ୍କ ପୁତ୍ର ପରମେଶ୍ୱରଙ୍କ ପ୍ରତିଜ୍ଞା ଅନୁସାରେ ଜନ୍ମଗ୍ରହଣ କଲା । 'ତାଙ୍କୁ ତାଙ୍କ ପିତାଙ୍କ ନାମ ଅନୁସାରେ ଯିଖରିଅ ରଖାଯାଉ,' ଅନ୍ୟ ଯାଜକ କହିଲେ । ଯିଖରିଅ ପରମେଶ୍ୱରଙ୍କ ଆଜ୍ଞାକୁ ମନେକଲେ । ନୁହେଁ, ସନ୍ତାନର ନାମ ଯୋହନ ହେବ । ସେ ଯେତେବେଳେ ଏହା ଲେଖିପକାଇଲେ ତାଙ୍କ ମୁଖ ଖୋଲିଗଲା, ଓ ସେ କଥା କହିପାରିଲେ । ସେ ପରମେଶ୍ୱରଙ୍କ ମହିମା କଲେ ।



ଯେତେବେଳେ ଯୋହନ ବଢ଼ିଲେ ସେ
ଏଲିୟଙ୍କ ପରି ହୋଇଗଲେ, ଜଣେ
ପରମେଶ୍ୱରଙ୍କର ମହାନ ବ୍ୟକ୍ତି ।
ଯୋହନ ପ୍ରଚାର କରୁଥିଲେ ବହୁଶିଘ୍ର
ମସିହ ସେମାନଙ୍କୁ ଆସିର୍ବାଦ
କରିବାକୁ ଆସୁଛନ୍ତି ।

ଯିହୁଦୀୟ ଧର୍ମଗୁରୁମାନେ ଯୋହନଙ୍କୁ
ଘୃଣା କରୁଥିଲେ କାରଣ ସେ ସେମାନଙ୍କୁ
ମନ ପରିବର୍ତ୍ତନ କର ଓ ପାପ କରିବାରୁ
ବିମୁଖ ହୁଅ କହୁଥିଲେ । ସେମାନେ
ନିଜର ପାପ ବିଷୟରେ ଶୁଣିବାକୁ ଇଛା
କରୁ ନ ଥିଲେ ।



ଅନ୍ୟମାନେ ତାଙ୍କୁ ବାପ୍ତିଜକ ଯୋହନ ଡାକୁଥିଲେ କାରଣ
ଯେତେବେଳେ ଲୋକମାନେ ସେମାନଙ୍କ ନିଜର ପାପ
ନିମନ୍ତେ ଅନୁତାପ କରି ମନ
ଫେରାଇ ତାଙ୍କ ନିକଟକୁ
ଆସିଲେ ସେ ସେମାନଙ୍କୁ
ଜଳରେ ବାପ୍ତିଷ୍ମ
ଦେଉଥିଲେ ।



ଦିନେ, ଯିଶୁଖ୍ରୀଷ୍ଟ ମଧ୍ୟ ତାଙ୍କ ନିକଟକୁ ବାପ୍ତିଷ୍ମ ନେବାକୁ ଆସିଲେ ।

ବରଂ ତୁମେ ମୋତେ ବାପ୍ତିଷ୍ମ ଦେବା ଉଚିତ୍, ଯୋହନ

ତାଙ୍କୁ କହିଲେ । କିନ୍ତୁ ଯୀଶୁ

ତାହାଙ୍କୁ କହିଲେ, ବର୍ତ୍ତମାନ୍

ଏହାହିଁ ହେବା ଉଚିତ୍ ।

ଏବଂ ଯୋହନ

ତାଙ୍କୁ ବାପ୍ତିଷ୍ମ

ଦେଲେ ।



ଯୀଶୁଙ୍କର ବାପ୍ତିସ୍ମ ପରେ, ଯୋହନ ଦେଖିଲେ ପବିତ୍ରାତ୍ମା ଏକ କାପ୍ତା ରୁପରେ ଯୀଶୁଙ୍କ ଉପରେ ଅବତରଣ କଲା । ଏହା ଏକ ପରମେଶ୍ୱରଙ୍କ ଚିହ୍ନ ଥିଲା । ଯୋହନ ଜାଣିଥିଲେ ଯେ ଯୀଶୁ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି । ଯୋହନ ଯୀଶୁଙ୍କୁ ଈଶ୍ୱରଙ୍କ ଗୋଟିଏ ମେଷ ଶାବକ ଡାକିଲେ ଯେ କି ଜଗତର ସମସ୍ତ ପାପ ବୋହି ନେଇଯିବେ ।





ଯୋହନ ଅନେକଙ୍କୁ
ପରମେଶ୍ୱରଙ୍କ ନିକଟକୁ
ଆଣିଲେ । କିନ୍ତୁ ହେରଦ, ଏକ
ଦୁଷ୍ଟ ଶାସକ, ଯୋହନଙ୍କୁ
କାରାଗାରରେ ନିକ୍ଷେପ
କଲେ । ହେରଦିୟା, ତୁମ୍ଭର
ଭାଇର ସ୍ତ୍ରୀଙ୍କୁ ନିଜର କରି
ବିବାହ କରିବା ତୁମ୍ଭପାଇଁ
ପାପ ଅଟେ, ଯୋହନ
ହେରଦଙ୍କୁ କହିଲେ ।

ହେରଦ ମଧ୍ୟ ଜାଣିଥିଲେ ଯେ ଏହା ସତ୍ୟ ଅଟେ । ସେ ଜାଣିଥିଲେ ଯେ ଯୋହନ ଏକ ପରମେଶ୍ୱରଙ୍କ ସେବକ, ସେ ସିଦ୍ଧ ଓ ଧାର୍ମିକ ବ୍ୟକ୍ତି



ଅଟନ୍ତି । କିନ୍ତୁ ସେ ପାପ କରିବାରୁ କ୍ଷାନ୍ତ ହେଲେ ନାହିଁ । ଏବଂ ଯୋହନ ମଧ୍ୟ ପାପ ବିଷୟରେ ବନ୍ଦି ଶାଳାରେ ହେଲେ ଶୁଦ୍ଧା ପ୍ରଚାର କରିବାରୁ କ୍ଷାନ୍ତ ହେଲେ ନାହିଁ ।

ନିଜର ଜନ୍ମ ଉତ୍ସବରେ ହେରଦ ମହା ଆଡ଼ମ୍ବରରେ ବଡ଼ ଭୋଜର ଆୟଜନ କରିଥିଲେ । ସେହି ଭୋଜରେ ହେରଦିୟାର କନ୍ୟା ତାଙ୍କ ନିମନ୍ତେ ନୃତ୍ୟ ପରିବେଷଣ କଲେ ।



ନୃତ୍ୟ ତାଙ୍କ ମନ ମୁଗ୍ଧ କଲା । ତୁମେ ତୁମ ନିଜ ଇଛା ଅନୁଶାରେ ଯାହାକିଛି ମାଗିବ ତାହା ଦିଆଯିବ, ‘ହେରଦ ପ୍ରତିଜ୍ଞା କଲେ । ଯଦିବା ମୋହର ଅର୍ଦ୍ଧେକ ଦେଶ ହେଲେସୁଧା ପୁରଣ କରାଯିବ ।‘





ମୁଁ କଅଣ ମାଗିଲେ ଭଲ
ହେବ, ହେରଦିୟାର
କନ୍ୟା ଦ୍ୱନ୍ଦରେ ପଡ଼ିଲା ।
ତାଙ୍କର ଦୁଷ୍ଟ ମାତା
ହେରଦିୟା ଯେ
ଯୋହନଙ୍କୁ ଘୃଣା
କରୁଥିଲେ ଯାହା ମାଗିଲେ
ଭଲ ହେବ ତାଙ୍କୁ ତାହା
ପ୍ରବର୍ତ୍ତାଇଲା, ଏହା ଏକ
ଭୟଙ୍କର ଥିଲା ।

‘ମୋତେ ଯୋହନଙ୍କର ମସ୍ତକ ଗୋଟିଏ ଥାଳିରେ ଦିଅନ୍ତୁ,‘ ହେରଦିୟାର କନ୍ୟା ହେରଦଙ୍କୁ କହିଲେ । ହେରଦ ନିଜର ପ୍ରତିଜ୍ଞା ନିମନ୍ତେ ଦୁଃଖିତ ହେଲେ, କିନ୍ତୁ ଅତ୍ୟଧିକ ଗର୍ବୀତ ଥିବାରୁ ତାହା ଭାଙ୍ଗିବାକୁ କଷ୍ଟ ହେଲା । ‘ଯୋହନଙ୍କ ମସ୍ତକ ଛେଦନ କରି ଗୋଠିଏ ଥାଳିରେ ଏହି ସ୍ଥାନକୁ ଘେନିଆସ,‘ ହେରଦ ଆଜ୍ଞା କଲେ । ତାଙ୍କର ସୈନ୍ୟମାନେ ତାଙ୍କ ଆଜ୍ଞାନୁସାରେ କଲେ ।



ଯୋହନଙ୍କ ବନ୍ଧୁମାନେ ଦୁଃଖିତ ହେଲେ ଓ
ପ୍ରଭୁଙ୍କର ଏକ ନିର୍ଭିକ ଓ ବିଶ୍ୱାସଯୋଗ୍ୟ
ଦାସଙ୍କର ମୃତ ଶରୀରକୁ କବର ଦେଲେ ।
ବର୍ତ୍ତମାନ ପରମେଶ୍ୱରଙ୍କ ନିମନ୍ତେ
ଯୋହନଙ୍କ କାର୍ଯ୍ୟ ସମାପ୍ତ
ହୋଇଯାଇଛି । ସେମାନେ
ମଧ୍ୟ ଜାଣିଥିଲେ ଯେ ଯୀଶୁ
ସେମାନଙ୍କୁ ସେମାନଙ୍କ
ଦୁଃଖରୁ ଶାନ୍ତନା ଦେବେ ।



ଈଶ୍ୱରଙ୍କଠାରୁ ପ୍ରେରିତ ଜଣେ ଲୋକ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମ ାର୍କ ୬, ଲୂକ ୧, ୩

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ
ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬